# NATIONAL NEWS BULLETIN (ODIA)

## 20 September - 2025

### Morning Bulletin : 7.15 A.M.

***********************************

## ମୁଖ୍ୟ ସମ୍ବାଦ

- ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଲା ପ୍ରତିବନ୍ଧିତ ସିପିଆଇ ମାଓବାଦୀ ସଂଗଠନ
- ଅନ୍‌ଲାଇନ୍ ଜରିଆରେ କୌଣସି ଭୋଟରଙ୍କ ନାମ ଆପେ ଡିଲିଟ୍ କରାଯାଇ ପାରିବ ନାହିଁ, ସ୍ପଷ୍ଟକଲେ ନିର୍ବାଚନ କମିଶନ
- ଦେଶର ପ୍ରତ୍ୟେକ ନାଗରିକଙ୍କୁ ବୀମାଭୁକ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସୃଷ୍ଟି କରିଛି ନୂଆ ଅଧ୍ୟାୟ
- ମଣିପୁରରେ ଅଜ୍ଞାତ ସଶସ୍ତ୍ର ବାହିନୀ ଆକ୍ରମଣରେ ଆସାମ ରାଇଫଲ୍‌ସର ୨ ଯବାନ ଶହୀଦ

–ତଲାସୀ ଅଭିଯାନ ସମୟରେ ୬ ଉଗ୍ରବାଦୀଙ୍କୁ ଗିରଫ କରିଛି ସୁରକ୍ଷାବଳ

ଏବଂ

- ଏସିଆ କପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଓମାନ୍‌କୁ ୨୧ ରନ୍‌ରେ ପରାସ୍ତ କଲା ଭାରତ

–ଆଜି ସୁପର୍ ଫୋର୍ ପର୍ଯ୍ୟାୟରେ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ହେବ ମୁକାବିଲା ।

# ସିପିଆଇ ମାଓବାଦୀ-ଆତ୍ମସମର୍ପଣ

ଦେଶରେ ପ୍ରତିବନ୍ଧିତ ସିପିଆଇ ମାଓବାଦୀ ସଂଗଠନ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛି । ସଂଗଠନର ପଲିଟି ବ୍ୟୁରୋ ସଦସ୍ୟ ମଲୋଜୁଲା ବେଣୁଗୋପାଳ ରାଓ ଏହି ବିଷୟ ପ୍ରକାଶ କରିଛନ୍ତି । ଏକ ଅଡିଓ କ୍ଲିପ୍ ଜରିଆରେ ସିପିଆଇ ମାଓବାଦୀ ସଂଗଠନର ସଦସ୍ୟ ବେଣୁଗୋପାଳ ରାଓ କହିଛନ୍ତି, ପରିବର୍ତ୍ତିତ ବିଶ୍ୱ ଏବଂ ଜାତୀୟ ପରିସ୍ଥିତି ଓ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ନିରନ୍ତର ଅନୁରୋଧକୁ ଦୃଷ୍ଟିରେ ରଖି ସଂଗଠନ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ମୁଖ୍ୟସ୍ରୋତରେ ସାମିଲ ହେବା ଲାଗି ନିଷ୍ପତ୍ତି ଗ୍ରହଣ କରିଛି । ସଂଗଠନ ସଶସ୍ତ୍ର ସଂଗ୍ରାମ ବନ୍ଦ କରି ଏକ ଅସ୍ଥାୟୀ ଅସ୍ତ୍ରବିରତି ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି । ସେ କହିଛନ୍ତି, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତି କିମ୍ବା ପ୍ରତିନିଧି ମଣ୍ଡଳ ସହ ସଂଗଠନ ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି ।

**V/O (Benu Gopal)**

# ଇସି-ଭୋଟ୍ ଡିଲିମିସନ୍

ନିର୍ବାଚନ କମିଶନ କହିଛନ୍ତି, ଅନ୍‌ଲାଇନ୍ ଜରିଆରେ  ଆପେ କୌଣସି ଭୋଟ୍‌ରଙ୍କ ନାମ ଡିଲିଟ୍ କରାଯାଇ ପାରିବ ନାହିଁ । କର୍ଣ୍ଣାଟକ ଆଳନ୍ଦରେ କୌଣସି ଭୋଟରଙ୍କ ନାମ ଭୁଲ୍‌ବଶତଃ ଡିଲିଟ୍ କରାଯାଇଥିବା

ବିଷୟକୁ କମିଶନ ଅଗ୍ରାହ୍ୟ କରିଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ଏ ବିଷୟ ନେଇ ୨୦୨୩ ମସିହାରେ ଏତଲା ଦାୟର କରାଯାଇଥିବା କୁହାଯାଇଛି । କମିଶନ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ୭ ନମ୍ବର ଫର୍ମରେ ଆବେଦନ ପରେ ଭୋଟର ନାମ କଟାଯାଇଥାଏ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପେ ଆପେ ଏହା କଟାଯାଇ ପାରିବ । କମିଶନ କହିଛନ୍ତି ଆଲନ୍ଦ ମାମଲାରେ ୬ ହଜାର ୧୮ଟି ୭ନମ୍ବର ଫର୍ମ ଅନ୍‌ଲାଇନ୍ ଜରିଆରେ ଦାଖଲ କରାଯାଇଥିଲା । ଯାଞ୍ଚ ପରେ ସେଥିମଧ୍ୟରୁ ୨୪ଟି ଆବେଦନ ସଠିକ୍ ବୋଲି ଜଣାପଡ଼ିଥିବା ବେଳେ ବାକି ୫ ହଜାର ୯୯୪ଟି ଆବେଦନ ତ୍ରୁଟିପୂର୍ଣ୍ଣ ଥିଲା ଆୟୋଗ କହିଛନ୍ତି । ଏତେ ସଂଖ୍ୟକ ୭ ନମ୍ବର ଫର୍ମ ଦାଖଲ ହେବା ପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତେଣୁ ଏହାର ତଦନ୍ତ ଲାଗି ଇଲେକ୍‌ଟ୍ରୋରାଲ୍ ପଞ୍ଜୀକରଣ ଅଧିକାରୀ ଏତଲା ଦାୟର କରିଥିଲେ ।

ସେହିପରି ମହାରାଷ୍ଟ୍ରର ରାଜୁରାରେ ୭ ହଜାର ୭୯୨ ଜଣ ନୂଆ ଭୋଟର ହେବା ଲାଗି ଆବେଦନ କରିଥିବା ବେଳେ ସେଥିମଧ୍ୟରୁ ୬ ହଜାର ୮୬୧ଟି ଆବେଦନ ତ୍ରୁଟିପୂର୍ଣ୍ଣ ଥିଲା ବୋଲି କମିଶନ କହିଛନ୍ତି ।

## ସେବା ପର୍ବ – ସମସ୍ତଙ୍କ ପାଇଁ ବୀମା

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ

କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଦେଶର ସମସ୍ତ ପରିବାରକୁ ବୀମାଭୁକ୍ତ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି ।

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପ୍ରତ୍ୟେକ ନାଗରିକଙ୍କୁ ବୀମାଭୁକ୍ତ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୧୫ ମଇ ମାସରେ ସମସ୍ତ ଅସୁରକ୍ଷିତଙ୍କୁ ସୁରକ୍ଷା ପ୍ରଦାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ଟି ସରଳ ବୀମା ଯୋଜନା ଘୋଷଣା କରିଥିଲେ । ସେହି ଯୋଜନାଗୁଡ଼ିକ ହେଉଛି– ପିଏମ୍ ଜୀବନଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସାମାନ୍ୟ ମୂଲ୍ୟର ପ୍ରିମିୟମ୍ ଦେଇ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମାରାଶି ମିଳିପାରୁଛି । ସେହିପରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ବୀମା ପ୍ରଦାନ କରାଯାଉଛି । ଏହି ଯୋଜନାଗୁଡ଼ିକର ଘୋଷଣା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ସମାଜର ଅବହେଳିତ କ୍ଷେତ୍ରର ଲୋକମାନଙ୍କୁ ସୁରକ୍ଷା ପ୍ରଦାନ ଲାଗି ଏହି ବୀମା ଯୋଜନା ସହାୟକ ହେବ ।

## *Voice (PM - Insurance)*

ଅନ୍ୟ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟବୀମା ଭାବରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଦ୍ୱାରା ଗରିବ

ଲୋକମାନଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ମିଳିପାରିଛି । ଏଥିରେ କୌଣସି ଦେୟ ପ୍ରଦାନ ନ କରି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଓ ଘରୋଇ ମେଡ଼ିକାଲରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଏହି ଯୋଜନାର ସୁଫଳ ବିଷୟରେ କେତେଜଣ ହିତାଧିକାରୀ କହିଛନ୍ତି :

***Voice (Ayusman Card)***

କେନ୍ଦ୍ର ସରକାର ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସୁବିଧା ସୁନିଶ୍ଚିତ କରି ବିକଶିତ ଭାରତ ଗଠନ କରିବା ଦିଗରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

**Seba Parba Closing**

# ମଣିପୁର-ଯବାନ କିଲ୍ଡ

ମଣିପୁରରେ ଏକ ଅଜଣା ସଶସ୍ତ୍ରବାହିନୀ ଆକ୍ରମଣରେ ଆସାମ ରାଇଫଲ୍‌ସର ଜଣେ ନାଏବ ସୁବେଦାରଙ୍କ ସମେତ ୨ ଜଣ ଯବାନ ଶହୀଦ ହୋଇଛନ୍ତି । ଗତକାଲି ସନ୍ଧ୍ୟାରେ ବିଷ୍ଣୁପୁର ଜିଲ୍ଲାରେ ଅତର୍କିତ ଭାବେ ଅଜଣା ବନ୍ଧୁକଧାରୀମାନେ ଏକ ଗାଡ଼ିରେ ଆସି ଆକ୍ରମଣ କରିଥିଲେ। ଇମ୍ଫାଲ୍‌ର ଜଣେ ପୋଲିସ୍ ଅଧିକାରୀ କହିଛନ୍ତି, ଇମ୍ଫାଲ-ଦିମାପୁର ଦୁଇନମ୍ବର ଜାତୀୟ ରାଜପଥରେ ଏହି ଘଟଣା ଘଟିଛି । ପ୍ରତିରକ୍ଷା ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ଆସାମ ରାଇଫଲ୍‌ସର ୩୩ ଜଣ ଯବାନ ପାଟଶୋଇ କମ୍ପାନୀ ଅପରେଟିଙ୍ଗ୍ ବେସ୍‌ରୁ ନାମ୍ବୋଲ ଅପରେଟିଙ୍ଗ୍ ବେସ୍‌କୁ ଯାଉଥିବା ବେଳେ ଏହି ଘଟଣା ଘଟିଛି । ଆସାମ

ରାଇଫଲ୍‌ସର ଅନ୍ୟ ୫ ଜଣ ଆହତ ଯବାନଙ୍କୁ ଇମ୍ଫାଲସ୍ଥିତ ଆଞ୍ଚଳିକ ଆୟୁର୍ବିଜ୍ଞାନ ସଂସ୍ଥାନରେ ଭର୍ତ୍ତି କରାଯାଇଛି । ସେମାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି । ଏପର୍ଯ୍ୟନ୍ତ ଏହି ଆକ୍ରମଣ ଲାଗି କୌଣସି ଉଗ୍ରବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି । ଆସାମ ରାଇଫଲ୍‌ସର ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ବିକାଶ ଲଖେରା ଏହି ଆକ୍ରମଣକୁ ନିନ୍ଦା କରିବା ସହ ଗତ ୨୪ ଘଣ୍ଟା ହେବ ଆତତାୟୀମାନଙ୍କୁ ଧରିବା ଲାଗି ତଲାସି ଅଭିଯାନ ଚାଲିଥିବା ଜଣାପଡ଼ିଛି । ଇତିମଧ୍ୟରେ ସୁରକ୍ଷାବଳ ୬ଜଣ ଉଗ୍ରବାଦୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି ।

# ଜୁବିନ ଗର୍ଗ

ବିଶିଷ୍ଟ ଆସାମୀ ଗାୟକ ଜୁବିନ ଗର୍ଗଙ୍କର ସିଙ୍ଗାପୁରର ଗଭୀର ସମୁଦ୍ରରେ ସ୍କୁବା ଡାଇଭିଂ କରିବା ବେଳେ ମୃତ୍ୟୁ ହୋଇଛି । ୫୨ ବର୍ଷିୟ ଏହି ପ୍ରସିଦ୍ଧ ଗାୟକଙ୍କୁ ସିଙ୍ଗାପୁର ପୁଲିସ୍ ଅଚେତ ଅବସ୍ଥାରେ ସମୁଦ୍ରରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜୁବିନ ସିଙ୍ଗାପୁରରେ ଅନୁଷ୍ଠିତ ହେଉଥିବା ଉତ୍ତର-ପୂର୍ବ ମହୋତ୍ସବରେ ଯୋଗଦେଇ ତାଙ୍କର ସଙ୍ଗୀତକଳା ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିଲା । ଜୁବିନ କେବଳ ଜଣେ ଗାୟକ, ଗୀତିକାର, ସଙ୍ଗୀତଜ୍ଞ, ଚଳଚ୍ଚିତ୍ର ନିର୍ମାତା ଏବଂ ଅଭିନେତା ଭାବରେ ନୁହେଁ ବରଂ ସେ ଆସାମର ଜଣେ ସାଂସ୍କୃତିକ ପ୍ରତୀକ ଭାବେ ପରିଚିତ ଥିଲେ । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଆସାମ ଆଜି ତାର ପ୍ରିୟ ପୁତ୍ରକୁ ହରାଇଛି । ଜୁବିନଙ୍କ କଣ୍ଠସ୍ୱର ତଥା ତାଙ୍କର ସାଂସ୍କୃତିକ

ଅବଦାନ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାୟକ ଯୁବିନ ଗର୍ଗଙ୍କ ଅକାଳ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସଂଗୀତ ଦୁନିଆ ପ୍ରତି ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ । ତାଙ୍କର ପରିବାର ବର୍ଗ ଓ ପ୍ରଶଂସକଙ୍କ ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି ।

## ଜିଏସ୍‌ଟି-ଇଲେକ୍‌ଟ୍ରୋନିକ୍ସ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ବୃହତ୍ ଶିଳ୍ପ ପତି ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି । ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଜି.ଏସ୍.ଟି. ଟିକସ ହାର ପୂର୍ବରୁ ୫ ଥାକିଆ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ ଥାକିଆ କରାଯାଇଛି । ଫଳରେ ଦୈନନ୍ଦିନ ସାମଗ୍ରୀ ଉପରୁ ଟିକସ ହାର ବହୁ

ପରିମାଣରେ ହ୍ରାସ ପାଇବା ଫଳରେ ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି କୁହାଯାଇଛି । ଆସନ୍ତା ସୋମବାର ଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବ ।

ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉପକରଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି ।

ଘରୋଇ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ଜିଏସଟି ହ୍ରାସ କରି କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଶିଳ୍ପ ପାଇଁ ବଡ଼ ଆଶ୍ୱସ୍ତି ଆଣିଛନ୍ତି । ଏ.ସି. ଏବଂ ଡିସ୍‌ୱାସ୍ ଭଳି ସାମଗ୍ରୀ ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ଜନସାଧାରଣ ଅଧିକରୁ ଅଧିକ ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ କ୍ରୟ କରିବା ସହ ଆମଦାନୀ ଉପରେ ନିର୍ଭରଶୀଳତ ହ୍ରାସ ପାଇବ ବୋଲି କୁହାଯାଇଛି । ସେହିପରି ଟେଲିଭିଜନ ଏବଂ ଅଣ-ଟିଭି ମନିଟର ଉପରେ ମଧ୍ୟ ଟିକସ ହାର ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ଘରୋଇ ଉତ୍ପାଦକମାନେ ଅଧିକ ଉତ୍ପାଦନ କରି ସେମାନଙ୍କ ବ୍ୟବସାୟ ବୃଦ୍ଧି କରିପାରିବେ । ସରକାରଙ୍କ ଏହି ସଂସ୍କାରକୁ ବିଭିନ୍ନ ବର୍ଗର ଲୋକ ସ୍ୱାଗତ କରିଛନ୍ତି । ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରରେ ଇଲେକ୍ଟ୍ରୋନିକ୍ସ ପ୍ଲାଷ୍ଟିକ୍ ଉପକରଣ, ତାର, କୁଲିଂ ସିଷ୍ଟମ୍, ଏଲ୍‌ଇଡି ପ୍ୟାନେଲ୍ ଭଳି ଉପକରଣ ଉପରେ ଟିକସ ହ୍ରାସ ହେବାରୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଆହୁରି ବିସ୍ତାର ଲାଭ କରିବ ବୋଲି କୁହାଯାଇଛି ।

# ଏସିଆ କପ୍

ଏସିଆ କପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଆବୁଧାବିର ଶେଖ୍ ଜାଏଦ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏ ର ଶେଷମ୍ୟାଚ୍‌ରେ ଭାରତ ୨୧ ରନ୍‌ରେ ଓମାନ୍‌କୁ ପରାସ୍ତ କରିଛି । ୧୮୯ ରନ୍‌ର ପିଛା କରି ଓମାନ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ଓ୍ୱିକେଟ୍ ହରାଇ ୧୬୭ ରନ୍ ସ୍କୋର କରିଥିଲା । ଭାରତର ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଷଦୀପ୍ ସିଂ, ହର୍ଷିତ୍ ରାଣା ଏବଂ କୁଲ୍‌ଦୀପ ଯାଦବ ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଥିଲେ । ପ୍ରଥମ ଭାରତୀୟ ବୋଲର ଭାବେ ଗତକାଲି ଖେଳଯାଇଥିବା ୬୪ତମ ଟି-୨୦ ମ୍ୟାଚ୍‌ରେ ଅର୍ଷଦୀପ୍ ସିଂ ୧୦୦ତମ ଓ୍ୱିକେଟ୍ ହାସଲ କରିଥିଲେ ।

ପ୍ରଥମେ ବ୍ୟାଟିଂ କରି ଭାରତ ୮ ଓ୍ୱିକେଟ୍ ହରାଇ ୨୦ ଓଭର୍‌ରେ ୧୮୮ ରନ୍ ସ୍କୋର କରିଥିଲା । ସଞ୍ଜୁ ସାମ୍‌ସନ୍ ୫୬ ରନ୍ କରିଥିବା ବେଳେ ଅଭିଷେକ ଶର୍ମା ୩୮ ରନ୍ ସ୍କୋର କରିଥିଲେ ।

ଆଜି ଏସିଆ କପ୍‌ରେ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଶ୍ରୀଲଙ୍କା ଏବଂ ବାଂଲାଦେଶ ମଧ୍ୟରେ ସୁପର୍ ଫୋର୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ ।

ସୂଚନାଯୋଗ୍ୟ ପୂର୍ବରୁ ଭାରତ ୟୁଏଇ, ପାକିସ୍ତାନ ଏବଂ ଓମାନ୍‌କୁ ପରାସ୍ତ କରି ସୁପର୍ ଫୋର୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି । ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ସୁପର୍ ଫୋର୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ।

## ୱିମେନ୍ କ୍ରିକେଟ୍:ଇଣ୍ଡିଆ-ଅଷ୍ଟ୍ରେଲିଆ

ମହିଳା କ୍ରିକେଟ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଆନ୍ତର୍ଜାତିକ ସିରିଜ୍‌ର ଆଜି ତୃତୀୟ ତଥା ଫାଇନାଲ୍ ମ୍ୟାଚ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ଅପରାହ୍ନ **ଗୋଟାଏ ୩୦ ମିନିଟ୍** ସମୟରେ ଦିଲ୍ଲୀରେ ଅରୁଣ୍ ଜେଟ୍‌ଲୀ ଷ୍ଟାଡିୟମରେ ମ୍ୟାଚ୍ ଅନୁଷ୍ଠିତ ହେବ । ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଦ୍ୱିତୀୟ ଆନ୍ତର୍ଜାତିକ ମ୍ୟାଚ୍ ୧୦୨ ରନ୍‌ରେ ଜିତିଥିବା ବେଳେ ଆଜିର ମ୍ୟାଚ୍ ମଧ୍ୟ ଜିତିବା ଲାଗି ଚେଷ୍ଟା କରିବ ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟ ଏହି ପ୍ରତିଯୋଗିତାରେ ଉନ୍ନତମାନର ଖେଳ ପ୍ରଦର୍ଶନ କରିଛନ୍ତି ।